# Akashvani, Sambalpur

## SAMBALPURI NEWS EVENING BULLETIN

**16 March 2025- 7.02 pm- 7.12 pm.**

*************************************************

୧- ଦେଶର୍ କାଳଜୟୀ ସଂସ୍କୃତି ଆଉ ଐତିହ୍ୟ ସହେତେ ସବୁ ଭାରତୀୟମାନ୍‌କର୍ ଶକ୍ତି ସାଙ୍ଗେ ପ୍ରଧାନ୍‌ମନ୍ତ୍ରୀ ଜଡ଼ିତ୍ ଆନ୍ ବଲି ଖାସ୍ ସାକ୍ଷାତ୍‌କାର୍‌ଥି କହେଲେ ଶ୍ରୀ ମୋଦୀ ।

୨- ଆଏବା ଶୁକ୍ରବାର୍ ଦିନ ୩ ଦିନିଆ ଓଡ଼ିଶା ଗସ୍ତ୍‌ଥି ଆସୁଛନ୍ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ।

୩- ବିଶିଷ୍ଟ ସାରସ୍ୱତ ସାଧକ ପଦ୍ମଭୂଷଣ୍ କବି ରମାକାନ୍ତ ରଥଙ୍କର୍ ଆଏବାକାଏଲ୍ ପୁରୀ ସ୍ୱର୍ଗଦ୍ୱାର ନ ହେବା ଶେଷକୃତ୍ୟ ।

ଆଉର୍

୪- ସାର୍ବଜନୀନ ଟୀକାକରଣ୍‌ରେ ଗୁରୁତ୍ୱ ବାବ୍‌ଦେ ଜନସଚେତନତା ବଢ଼ାବାର୍ ଲାଗି ଆଏଜ୍ ପାଳନ୍ କରାଯାଉଛେ ଜାତୀୟ ଟୀକାକରଣ୍ ଦିବସ୍ ।

ପ୍ରଧାନ୍‌ମନ୍ତ୍ରୀ -ପୋଡ୍‌କାଷ୍ଟ ସାକ୍ଷତ୍‌କାର୍          ଏନ୍‌ଏସ୍‌ଡି

ପୁର୍‌ଥି ନ ନାଁକରା କୃତ୍ରିମ ବୁଦ୍ଧିମତା ଏଆଇ ର ଗବେଷକ  ଲେକ୍ସ ଫ୍ରିଡ୍‌ମେନ୍‌ଙ୍କର୍ ସଙ୍ଗେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଟେ ପୋଡ୍‌କାଷ୍ଟଥି ପାଖାପାଖି ୩ ଘଂଟା ଧରିକରି ଖାସ୍ ସାକ୍ଷାତ୍ ଆଲୋଚନା କରିଛନ୍ । ଶ୍ରୀ ମୋଦୀ କହିଛନ୍, ତାଙ୍କର୍ ଶକ୍ତି ଶହେ ୪୦ କୋଟି ଭାରତୀୟଙ୍କର୍ ସାଙ୍ଗେ ଜୁଡ଼ି ହେଇକରି ଅଛେ । ଦେଶର୍ କାଳଜୟୀ ସଂସ୍କୃତି ଆର୍ ଐତିହ୍ୟ ସାଙ୍ଗେ ସେ ଜଡ଼ିତ । ଫ୍ରିଡ଼ମେନ୍‌ଙ୍କର୍ ଗୁଟେ ପ୍ରଶ୍ନଥି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଧୈର୍ଯ୍ୟ ଆଉ ଆତ୍ମବିଶ୍ୱାସ୍ ସଙ୍ଗେ ସବୁ ପରିସ୍ଥିତିକେ ସାମ୍ନା କର୍‌ବାର୍ ଲାଗି ୟୁଆନ୍ ପିଢ଼ିଙ୍କୁ ସେ ଆହ୍ୱାନ୍ ଦେଇଛନ୍ । ଅସୁବିଧା ସମିଆଥି ଧୈର୍ଯ୍ୟର୍ ପରୀକ୍ଷା ହେଇଥିସି ଆର୍ ସେହି ଧୈର୍ଯ୍ୟ ହିଁ ତାଙ୍କୁ ଶକ୍ତିଶାଳୀ କର୍‌ବାର୍‌ଥି ସାହାଜ୍ କର୍‌ସି । ଶ୍ରୀ ମୋଦୀ କହିଛନ୍, ସବୁ ଆହ୍ୱାନ୍‌କେ ସେ ଗୁଟେ ସୁଯୋଗ୍ ଭାବେ ଦେଖିଛନ୍ । ୟୁବକ୍‌ମାନ୍‌କୁ ଧୈର୍ଯ୍ୟ ଆଉ ଆତ୍ମବିଶ୍ୱାସ୍ ସହେତେ ଦାୟିତ୍ୱ ତୁଲାବାର୍ ଲାଗି ପଡ୍‌ବା ବଲି କହିଛନ୍ । ସଫଲତାର୍ କେନ୍‌ସି ନିଶ୍ଚିତତା ନାଇଁଥିଲେ ଭିଲ୍ ଆତ୍ମବିଶ୍ୱାସ୍ ମୁନୁଷ୍‌କେ ପରିପୂର୍ଣ୍ଣତା ପାଏବାର୍ ସୁଯୋଗ୍ ଦେସି ବଲି ପ୍ରଧାନ୍‌ମନ୍ତ୍ରୀ ଇ ପୋଡ୍‌କାଷ୍ଟ୍ ଜରିଏ କହିଛନ୍ ।

କେନ୍ଦ୍ର ଗୃହମନ୍ତ୍ରୀ -ଓଡ଼ିଶା         ସମ୍ବଲ୍‌ପୁର୍ ସମ୍ବାଦଦାତା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା ୨୧ ତାରିଖ୍ ଦିନ ୩ ଦିନିଆ ଗସ୍ତଥି ଓଡ଼ିଶା ଆସୁଛନ୍ । ୨୧ ତାରିଖ୍ ଦିନ ବେଲ୍‌ବୁଡ଼େ ଶ୍ରୀ ଶାହା ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍ ନ ପୁହୁଁଚିବାର୍ ଉତ୍‌ରୁ ୨୨ ତାରିଖ୍ ଦିନ ସଖାଲେ ସମ୍ବଲ୍‌ପୁର୍ ନ ମା ସମଲେଶ୍ୱରୀଙ୍କର୍ ଦର୍ଶନ୍ କର୍‌ବେ । ଇତାର୍‌ଉତ୍‌ରୁ ଶ୍ରୀ ଶାହା ପିଏଚ୍‌ଡି ପଡ଼ିଆଠାନେ ଜିଲ୍ଲାର୍ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ଶିଲାନ୍ୟାସ୍ ଆର୍ ଉଦ୍‌ଘାଟନ୍ କର୍‌ବେ ଆଉ ଗୁଟେ ସାଧାରଣ୍ ସଭାଥି ଭିଲ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସେହିଦିନ ବେଲ୍‌ବୁଡ଼େ ଶ୍ରୀ ଶାହା ପୁରୀ ଯାଇକରି ୨୩ ତାରିଖ୍ ଦିନ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବେ । ତାର୍‌ପରେ ଜଟଣୀ ନ ଦେଶର୍ ୨ ନମ୍ବର୍ ଫରେନ୍‌ସିକ୍ ବିଶ୍ୱବିଦ୍ୟାଳୟର୍ ଶିଲାନ୍ୟାସ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଶ୍ରୀ ଶାହାଙ୍କର୍ ଗସ୍ତର୍ ଲାଗି ଆଏଜ୍ ସମ୍ବଲ୍‌ପୁର୍ ନ ଦଲୀୟ ପଦାଧିକାରୀମାନ୍‌କର୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି         ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ୫ ନମ୍ବର୍ ୟୁନିଟ୍ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍  ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏବା କାଏଲ୍ ଶୁଣାଣି ବନ୍ଦ ରହେବା । ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ଆଉ ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରାସନ୍‌କାର୍ଡ୍ ସର୍ଭେ-ଯୋଗାଣମନ୍ତ୍ରୀ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଯୋଗ୍ୟ ରାସନ୍‌କାର୍ଡ୍ ହିତାଧିକାରୀମାନ୍‌କର୍ ଫିଲ୍ଡ ସର୍ଭେ କରାଯିବାର୍ ଉତ୍‌ରୁ ଚୂଡ଼ାନ୍ତ ତାଲିକା ବାହାର୍ କରାଯିବା ବଲି ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇହାଦେତକ୍ ୩୦ ଲାଖ୍ ୭ ଶହ ୩୪ ଝନ୍ ଇ-କେଓ୍ୱାଇସି ନାଇଁ କରି ବଲି ମନ୍ତ୍ରୀ କହିଛନ୍ । ୬ ଲାଖ୍ ୩୫ ହଜାର୍ ଲୋକ୍ ପୋର୍ଟାଲ୍ ଜରିଏ ଆବେଦନ୍ କରିଛନ୍ । ଇହାଦେ ସର୍ଭେ କାମ୍ ଚାଲିଥିବାର୍ ବେଲେ ଏପ୍ରିଲ୍ ୧୫ ତାରିଖ୍‌ତକ୍ ଇଟା ଶେଷ୍ ହେବା । ନୂଆଁ ପୋର୍ଟାଲ୍‌ଥି ଇହାଦେତକ୍ ୫୦ ହଜାର୍

ହିତାଧିକାରୀ ନୂଆଁ ରାସନ୍‌କାର୍ଡ଼ ଲାଗି ଆବେଦନ୍ କରିଛନ୍ । ସବୁ ଆବେଦନ୍ ସର୍‌ବାର୍ ଉତ୍‌ରୁ ଯାଂଚ୍ ପ୍ରକ୍ରିୟା ମୁଲ୍ ହେବା । ହେଲେ ହଠାତ୍ କରି କାହାରିର୍ ଭିଲ୍ ରାସନ୍ କାର୍ଡ଼ କଟାନାଇଁ ଯାଏ ବଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍-କୃଷ୍ଣଚନ୍ଦ୍ର ପାତ୍ର)

ପୋଷଣ କେନ୍ଦ୍ରଥି ରାସନ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଥିବା ପୋଷଣ୍ କେନ୍ଦ୍ରମାନ୍‌କେ ସବ୍‌ସିଡ଼ିଥି ରାସନ୍ ମିଲ୍‌ବା ବଲି ଖାଦ୍ୟଯୋଗାଣ ଆଉ ଖାଉଟୀ କଲ୍ୟାଣ୍‌ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଦିଲ୍ଲୀ, ଗୁଜୁରାତ୍ ଢାଂଚାଥି ଖୋବ୍ ଜଲ୍‌ଦି ରାଏଜେ ପୋଷଣ୍ କେନ୍ଦ୍ରମାନ୍ ଖୁଲାଯିବା । ୩୫ ଟା ଜାଗା ନ ପାଇଲଟ୍ ପ୍ରକଳ୍ପ ମୂଲ୍ ହେବା । ଇଥିର୍‌ଲାଗି କେନ୍ଦ୍ର ଆଉ ରାଜ୍ୟ ସବ୍‌ସିଡି ଦେବେ । ହିତାଧିକାରୀମାନ୍‌କୁ ଇଥିର୍‌ଲାଗି ସ୍ୱତନ୍ତ୍ର କାର୍ଡ଼ ମିଲ୍‌ବା । ବିଭାଗ୍‌ର ଗୁଟେ ଦଲ୍ ଦିଲ୍ଲୀ ଆଉ ଗୁଜୁରାଟ୍ ଯାଇକରି ସେନ ଥିବାର୍ ପୋଷଣ୍ କେନ୍ଦ୍ରମାନ୍‌କର୍ ଅନୁଧ୍ୟାନ୍ କର୍‌ବାର୍ ଉତ୍‌ରୁ ଫି' ପଂଚାୟତ୍ ନ ପୋଷଣ୍ କେନ୍ଦ୍ର ଖୁଲାଯିବା । ହେଲେ ମୁଖ୍ୟମନ୍ତ୍ରୀଙ୍କର୍ ଅନୁମୋଦନ୍ ଉତ୍‌ରୁ ଖୋବ୍ ଜଲ୍‌ଦି ଚୂଡ଼ାନ୍ତ ନିଷ୍ପତି ନିଆଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ସକାଲୁଆ ସ୍କୁଲ- ଗଣଶିକ୍ଷା ମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲ୍ପୁର୍

ରାଏଜେ ବଢ଼୍ତି ଖରାକେ ନଜର୍ଥି ରଖିକରି ସ୍କୁଲ୍ମାନ୍କୁ ସଖାଲୁଆ କର୍ବାର୍ ଲାଗି ପଦକ୍ଷେପ୍ ନିଆଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ସାଙ୍ଗେ ଆଲୋଚନା କରିକରି ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚ୍ନା ଦେଇଛନ୍ ।
(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

କବି ରମାକାନ୍ତ ରଥ-ପରଲୋକ
ଆର୍ଏନ୍ୟୁ/ କଟକ୍/ ସମ୍ବଲ୍ପୁର୍

ବିଶିଷ୍ଟ ସାରସ୍ୱତ ସାଧକ, ପଦ୍ମଭୂଷଣ୍ କବି ରମାକାନ୍ତ ରଥଙ୍କର୍ ଆଏବା କାଏଲ୍ ପୁରୀ ସ୍ୱର୍ଗଦ୍ୱାର ନ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହେତେ ଶେଷକୃତ୍ୟ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ଓଡ଼ିଆ ସାହିତ୍ୟକେ ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତର୍ଥି ସମୃଦ୍ଧ କରାବାର୍ ଲାଗି ଶ୍ରୀ ରଥଙ୍କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସନ୍ଦିଗ୍ଧ ମୃଗୟା, ସପ୍ତମ ଋତୁ, ସଚିତ୍ର ଅନ୍ଧାର, ଶ୍ରୀ

ରାଧା ବାଗିର୍ କବିତା ସଂକଲନ୍ ବହୁତ୍ ଲୁକ୍‌କର୍ ମନ୍‌କେ ଛୁଇଁଥିଲା । ୧୯୭୮ ଶାଲେ ତାଙ୍କର କବିତା ସଂକଲନ ସପ୍ତମ ଋତୁ ଲାଗି ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର୍ ପାଇଥିଲେ । ୧୯୯୨ ମସିହାଥି ସରସ୍ୱତୀ ସମ୍ମାନ୍‌ଥି ସମ୍ମାନିତ୍ ହେଇଥିଲେ । ୧୯୯୩ ନୁ ୧୯୯୮ ତକ୍ ଶ୍ରୀ ରଥ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ଆଉ ୧୯୯୮ ନୁ ୨୦୦୩ ତକ୍ ସଭାପତି ଭାବେ ଦାୟିତ୍ୱ ତୁଲେଇଥିଲେ । ୯୧ ବଛର୍ ବୟସ୍‌ଥି ଭୁବ୍‌ନେଶ୍ୱର୍‌ର ତାଙ୍କର୍ ଘରେ ଆଏଜ୍ ସଖାଲେ ଶ୍ରୀ ରଥଙ୍କର୍ ପରଲୋକ ହେଇଯାଇଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ସାଧାରଣ୍ ଲୁକ୍‌କର୍ ମତାମତ୍ ମଗାହେଇଛେ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ

ନିଜର୍ ମତାମତ୍ ରେକର୍ଡ୍ କରେଇପାର୍ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୫ ତାରିଖ୍ ଭିତ୍‌ରେ ଦେଇପାର୍ବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ପଦ୍ମ ପୁରସ୍କାର ଏନ୍‌ଏସ୍‌ଡି

ଦେଶର୍ ସର୍ବୋଚ୍ଚ ବେସାମରିକ୍ ସମ୍ମାନ୍ ପଦ୍ମ ପୁରସ୍କାର୍ -୨୦୨୬ ଲାଗି ମନୋନୟନ୍ ମୁଲ୍ କରାଯାଇଛେ । ରାଷ୍ଟ୍ରୀୟ ପୁରସ୍କାର୍ ପୋର୍ଟାଲ୍‌ଥି ଅନ୍‌ଲାଇନ୍ ଜରିଏ ମନୋନୟନ୍ ଆର୍ ଅନୁମୋଦନ୍ ଗ୍ରହଣ୍ କରାଯିବା । ଇଥିର୍‌ଲାଗି ଆଏବା

ଜୁଲାଇ ମାସର୍ ୩୧ ତାରିଖ୍‌କେ ଶେଷ୍ ତାରିଖ୍ ରଖାଯାଇଛେ ।

ଜାତୀୟ ଟୀକାକରଣ୍ ଦିବସ୍          ଆର୍‌ଏନ୍‌ୟୁ/ କଟକ୍

ଟୀକାକରଣ୍‌ର ଗୁରୁତ୍ୱ ଆର୍ ଇ ବାବ୍‌ଦେ ଜନସଚେତନତା ବଢ଼ାବାର୍ ଲକ୍ଷ୍ୟଥି ଫି ବଛର୍ ଆଝିର୍ ଦିନ୍‌କେ ଜାତୀୟ ଟୀକାକରଣ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ୧୯୯୫ ମସିହା ମାର୍ଚ୍ଚ ମାସର୍ ୧୬ ତାରିଖ୍ ଥି ଦେଶେ ପହେଲାଥର୍ ଲାଗି ପୋଲିଓ ଟୀକାକରଣ୍ ଅଭିଯାନ୍ ମୁଲ୍ ହେଇଥିଲା । ସାମାଜିକ୍ ଗଣମାଧ୍ୟମ୍ ଜରିଏ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା କହିଛନ୍, ଟୀକାକରଣ୍ ଜରିଏ ଛୁଆମାନ୍‌କୁ ସୁରକ୍ଷିତ୍ ରଖିବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ସବୁ ରାଜ୍ୟ ସର୍‌କାର୍ ଆଉ ସ୍ୱାସ୍ଥ୍ୟକର୍ମୀମାନ୍‌କୁ ଇ ଅଭିଯାନ୍‌ଥି ସାମିଲ୍ ହେବାର୍ ଲାଗି ମନ୍ତ୍ରୀ ଶ୍ରୀ ନଡ୍ଡା ଆହ୍ୱାନ୍ ଦେଇଛନ୍ । ଛୁଆମାନ୍‌କର୍ କ୍ଷେତ୍ରଥି ରୋଗ୍ ପ୍ରତିରୋଧକ୍ ଶକ୍ତି ବଢ଼ାବାର୍ ଲାଗି ୨୦୧୪ ମସିହା ନ ମିଶନ୍ ଇନ୍ଦ୍ରଧନୁଶ୍ ଯୋଜ୍‌ନା କାର୍ଯ୍ୟକାରୀ କରାଯାଇଥିଲା । ଶିଶୁ ମୃତ୍ୟୁ ହାର କମ୍ କର୍‌ବାର୍ ଆଉ ଛୁଆମାନ୍‌କର୍ କ୍ଷେତ୍ରଥି ବ୍ୟାପକ୍ ଟୀକାକରଣ୍ କରାଯିବାର୍

ଇ ଯୋଜ୍‌ନାର୍ ମୁଲ୍ ଲକ୍ଷ୍ୟ ଥିଲା । ଇ ଯୋଜ୍‌ନାଥି ୨ ବରସ୍‌ନୁ କମ୍ ଛୁଆ ଆଉ ଗର୍ଭବତୀ ମହିଲାମାନ୍‌କୁ ସମ୍ପୂର୍ଣ୍ଣ ଟୀକାକରଣ୍ କରାଯାଉଛେ ।

ଧାନ୍ ଘିନା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଇହାଦେତକ୍ ୭୧ ଲାଖ୍ ୫୦ ହଜାର୍ ଟନ୍ ଧାନ୍ ଘିନା ସରିଛେ ବଲି ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସର୍‌କାର୍ ୭୬ ଲାଖ୍ ଟନ୍ ଧାନ୍ ଘିନା ଲକ୍ଷ୍ୟ ରଖିଥିବାର୍ ବେଲେ ଇହାଦେତକ୍ ୯୫ ପ୍ରତିଶତ୍ ଧାନ୍ ଘିନା ସରିଛେ । ଇତାର୍‌ସହେତେ ରବି ଋତୁଥି ଧାନ୍ ଘିନା ଲାଗି ଯୋଜ୍‌ନା ଚାଲିଛେ ଆଉ ଇଥିର୍‌ଲାଗି ବହୁତ୍ ଜଲ୍‌ଦି ପଞ୍ଜିକରଣ୍ ମୁଲ୍ ହେବା ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ । ସେଆଡ଼େ ଆଏବା ୩୧ ତାରିଖ୍‌କେ ଧାନ୍ ଘିନାର୍ ଶେଷ୍‌ଦିନ୍ ଧାରିଜ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ କେତେଟା ଜିଲ୍ଲା ନ ଆଏବା ୩ ଦିନ୍‌ତକ୍ ଜବର୍ ଖରା ଲାଗି ରହେବା । ସେନ୍ତା ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍,

କଲାହାଣ୍ଡି, ସୁବର୍ଣ୍ଣପୁର୍, ବୌଦ୍ଧ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ  ଜବର୍ ଖରାକେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏଜ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାତି ୪୩ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ୭ ଟା ସହରର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହିଥିଲା । ସେଆଡ଼େ ଝାର୍‌ସୁଗୁଡ଼ା ନ ୪୨, ବଲାଙ୍ଗିର୍ ନ ୪୧ ଦଶ୍‌ମିକ୍ ୭, ସୁନ୍ଦର୍‌ଗଡ଼୍ ନ ୪୦ ଦଶ୍‌ମିକ୍ ୩, ଭବାନୀପାଟ୍‌ନା ନ ୪୦ ଦଶ୍‌ମିକ୍ ୨, ସମ୍ବଲ୍‌ପୁର୍ ନ ୩୯ ଦଶ୍‌ମିକ୍ ୭, ସୋନ୍‌ପୁର୍ ନ ୩୯ ଦଶ୍‌ମିକ୍ ୫,  ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।